# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 07th December - 2024
### News Editor : *Itishree Singh Rathaur*
*********************************

***Desk***

## ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମୟୂରଭଞ୍ଜ ଜିଲ୍ଲାରେ ୬ ହଜାର ୪ ଶହ କୋଟିରୁ ଅଧିକ ମୂଲ୍ୟର କେତେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ମୟୂରଭଞ୍ଜ ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢ଼ାମରା-ଚାକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏଥିସହିତ ସେ ରାଇରଙ୍ଗପୁରଠାରେ ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦଣ୍ଡାବୋଷ ଏୟାରଷ୍ଟ୍ରିପ୍ ଏବଂ ଉପମଣ୍ଡଳୀୟ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

***Desk***

## କେନ୍ଦ୍ରୀୟ ବିଦ୍ୟାଳୟ

ରାଜ୍ୟରେ ୮ଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁମୋଦନ କରିଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ

ଧନ୍ୟବାଦ ଜଣାଇଛନ୍ତି । ଗତକାଲି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଦେଶରେ ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଓ ୨୮ଟି ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ମଞ୍ଜୁରି ପ୍ରଦାନ କରିଛି । ରାଜ୍ୟରେ କୁଚିଣ୍ଡା, ତାଳଚେର, ଆଠମଲ୍ଲିକ, କାମାକ୍ଷାନଗର, ଆଇ.ଟି.ବି.ପି.-ଖୋର୍ଦ୍ଧା, ଜୟପୁର, ରେଲୱେ-ଟିଟିଲାଗଡ଼ ଓ ପାଟଣାଗଡ଼ରେ ନୂଆ କେନ୍ଦ୍ରିୟ ବିଦ୍ୟାଳୟ ସ୍ଥାପନ ହେବ ।

***Desk***

## ରେଲଷ୍ଟେସନ ଉଦ୍‌ଘାଟନ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଅପରାହ୍ଣରେ ବାଲେଶ୍ୱର ରେଲଷ୍ଟେସନର ନବନିର୍ମିତ ଫୁଟ୍ ଓଭରବ୍ରିଜ୍‌ର ଉଦ୍‌ଘାଟନ କରିବେ । ସନ୍ଧ୍ୟାରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କଟକ ରେଲଷ୍ଟେସନର ଦ୍ୱିତୀୟ ପ୍ରବେଶପଥର ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । କଟକ ସାଂସଦ ଭର୍ତ୍ତୃହରି ମହତାବ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

***Desk***

## ପି.ଏମ୍. ଇ-ବିଦ୍ୟା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତୀୟ ସାଙ୍କେତିକ ଭାଷା ପାଇଁ ପି.ଏମ୍. ଇ-ବିଦ୍ୟା ଡି.ଟି.ଏଚ୍. ଚ୍ୟାନେଲ୍‌ର ନୂଆଦିଲ୍ଲୀରେ ଶୁଭାରମ୍ଭ

କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ପି.ଏମ୍. ଇ-ବିଦ୍ୟା ଶ୍ରବଣବାଧିତ ସମ୍ପ୍ରଦାୟକୁ ଶିକ୍ଷା କ୍ଷେତ୍ରରେ ସହାୟତା ପ୍ରଦାନ କରିବା ସହ ଚ୍ୟାନେଲ୍‌ରେ ଥିବା ବ୍ୟାପକ ଡିଜିଟାଲ୍ ପାଠ୍ୟକ୍ରମ, ଦକ୍ଷତା ପ୍ରଶିକ୍ଷଣ, ମାନସିକ ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମ୍ବଳ ମାଧ୍ୟମରେ ଶ୍ରବଣବାଧିତଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବାପାଇଁ ସହାୟକ ହେବ । ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ସମାବେଶୀ ଶୈକ୍ଷିକ ବାତାବରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସାଙ୍କେତିକ ଭାଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷା ଓ ଦକ୍ଷତା ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଉପସ୍ଥିତ ଥିଲେ ।

***Desk***

## ସଶସ୍ତ୍ର ବାହିନୀ

ସଶସ୍ତ୍ର ବାହିନୀରେ ସେବାରତ ତଥା ସେବାନିବୃତ୍ତ ଯବାନମାନଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଆଜି ସଶସ୍ତ୍ର ବାହିନୀ ପତାକା ଦିବସ ପାଳିତ ହେଉଛି । ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଯବାନ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ସେନାନୀଙ୍କୁ ଶୁଭେଚ୍ଛା ଜଣାଇ ସଶସ୍ତ୍ର ସେନା ପତାକା ଦିବସ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବା ଲାଗି ଆହ୍ୱାନ ଦେଇଛନ୍ତି ।

*Desk*

## ବିମାନସେବା

୨୦୨୫ ଜାନୁୟାରୀ ପହିଲାରୁ ଝାରସୁଗୁଡ଼ାରୁ ହାଇଦ୍ରାବାଦକୁ ବିମାନସେବା ଆରମ୍ଭ ହେବ । ପ୍ରତ୍ୟେକ ରବିବାର ଓ ସୋମବାର ଅପରାହ୍ଣ ୪ଟା ୩୫ରେ ଓ ସପ୍ତାହର ଅନ୍ୟ ୫ ଦିନ ହାଇଦ୍ରାବାଦରୁ ସନ୍ଧ୍ୟା ୭ଟାରେ ବିମାନ ଉଡ଼ାଣ କରିବ । ସେହିଭଳି ରବିବାର ଓ ସୋମବାର ସନ୍ଧ୍ୟା ୬ଟା ୫୦ ମିନିଟ୍‌ରେ ଏବଂ ଅନ୍ୟ ୫ ଦିନ ରାତି ୯ଟା ୧୫ରେ ଝାରସୁଗୁଡ଼ାରୁ ବିମାନ ଉଡ଼ାଣ କରିବ । ଅନ୍ୟପକ୍ଷରେ ଆସନ୍ତା ବର୍ଷ ଫେବୃୟାରୀ ପହିଲାରୁ ଝାରସୁଗୁଡ଼ାରୁ ଲକ୍ଷ୍ନୌକୁ ଏବଂ ଫେବୃୟାରୀ ୨ରୁ ରାୟପୁରକୁ ବିମାନ ସେବା ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

*Desk*

## କଏଦୀ – ସଜା କୋହଳ

ଚଳିତ ମାସ ୧୦ ତାରିଖରେ ପାଳିତ ହେବାକୁ ଥିବା ଜେଲ୍ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟର ୮୭ଟି ଜେଲ୍‌ରେ ଥିବା ୪ ଶହରୁ ଅଧିକ କଏଦୀଙ୍କ ୩୦ ଦିନର ସଜା କୋହଳ କରାଯିବ । ଜେଲ୍‌ରେ ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିବାରୁ ବିଭାଗୀୟ ମହାନିର୍ଦ୍ଦେଶକ ଏହି ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ବର୍ଷ ଏପ୍ରିଲ୍‌ରେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ କିଛି କଏଦୀଙ୍କୁ ଏହି ସୁବିଧା ମିଳିବ ବୋଲି ଜଣାପଡ଼ିଛି ।

*Desk*

# ଗୋପାଳପୁର-ସାତପଡ଼ା ରାଜପଥ

ଗୋପାଳପୁରରୁ ସାତପଡ଼ା ପର୍ଯ୍ୟନ୍ତ ଚିଲିକା ହ୍ରଦ ଉପରେ ପ୍ରସ୍ତାବିତ ଜାତୀୟ ୫୧୬-ଏ ନମ୍ବର ରାଜପଥ ନିର୍ମାଣ ଲାଗି ଭାରତୀୟ ରାଷ୍ଟ୍ରୀୟ ରାଜପଥ ପ୍ରାଧିକରଣ - ଏନ୍.ଏଚ୍.ଏ.ଆଇ. ପ୍ରାଥମିକ ମଞ୍ଜୁରି ପ୍ରଦାନ କରିଛି । ଏହି ଜାତୀୟ ରାଜପଥ ଦୁଇ ଲେନ୍‌ବିଶିଷ୍ଟ ହେବ । ଆସନ୍ତା ୧୧ ତାରିଖ ସୁଦ୍ଧା ଡ୍ରୋନ୍ ସର୍ଭେ ଶେଷ କରିବାକୁ ଏନ୍.ଏଚ୍.ଏ.ଆଇ. ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

*Desk*

# ପୁସ୍ତକ ମହୋତ୍ସବ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଗତ ସନ୍ଧ୍ୟା ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତ ମହୋତ୍ସବ ଆରମ୍ଭ ହୋଇଛି । ମହୋତ୍ସବକୁ ଏକାମ୍ର ବିଧାୟକ ବାବୁ ସିଂହ ଉଦ୍‌ଘାଟନ କରିଥିଲେ । ଏହି ପୁସ୍ତକମେଳାରେ ୪ ଶହଟି ଷ୍ଟଲ୍ ଖୋଲାଯାଇଥିବାବେଳେ ୨ ଶହରୁ ଅଧିକ ପ୍ରକାଶକ ଓ ପୁସ୍ତକ ବିକ୍ରେତା ସାମିଲ୍ ହୋଇଛନ୍ତି । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସାହିତ୍ୟ ଆସର, ବୈଠକ, ଆଲୋଚନାଚକ୍ର ଏବଂ ପୁସ୍ତକ ଉନ୍ମୋଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

*Desk*

## ବିଶ୍ୱବିଦ୍ୟାଳୟ - ୨ ଥର ନାମଲେଖା

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ - ୟୁ.ଜି.ସି. ପକ୍ଷରୁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବର୍ଷକୁ ଦୁଇଥର ନାମଲେଖାଇବା ପ୍ରସ୍ତାବ ଦିଆଯାଇଛି । ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ୟୁ.ଜି.ସି. ପକ୍ଷରୁ ପ୍ରସ୍ତୁତ ଚିଠା ପ୍ରସ୍ତାବରେ ୟୁ.ଜି. ଏବଂ ପି.ଜି. ପାଠ୍ୟକ୍ରମରେ ଏକୀକରଣ, ଉଚ୍ଚ ଶିକ୍ଷାନୁଷ୍ଠାନରେ ବହୁମୁଖୀ ପ୍ରବେଶ ଓ ପ୍ରସ୍ଥାନ ଭଳି ବ୍ୟବସ୍ଥା ରହିଛି । ଚଳିତ ମାସ ୨୩ ତାରିଖ ସୁଦ୍ଧା ଚିଠା ପ୍ରସ୍ତାବ ଉପରେ ୟୁ.ଜି.ସି. ପକ୍ଷରୁ ମତାମତ ଆହ୍ୱାନ କରାଯାଇଛି ।

*Nabarangpur/R*

## ମଣ୍ଡେଇ

ନବରଙ୍ଗପୁର ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି ତଥା ଐତିହ୍ୟ ଓ ଭାଇଚାରାର ପର୍ବ 'ମଣ୍ଡେଇ-୨୦୨୪' ଗତକାଲି ଉଦ୍‌ଘାଟିତ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାଁ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ନବରଙ୍ଗପୁର ଅଧିଷ୍ଠାତ୍ରୀ ମା' ଭଣ୍ଡାରଘରଣୀଙ୍କ ପୀଠରୁ ଏକ ବିରାଟ ଶୋଭାଯାତ୍ରାରେ ଆଙ୍ଗାମାଳ ମଣ୍ଡେଇ ପଡ଼ିଆରେ ପହଞ୍ଚିଥିଲା । ଏହି ତିନିଦିନିଆ ଉତ୍ସବର ପ୍ରଥମ ସନ୍ଧ୍ୟାରେ

ଓଡ଼ିଶୀ ନୃତ୍ୟ ସମେତ ଢେମସା, ଲାବଣୀ, ଦୁଲଦୁଲି ନୃତ୍ୟ ପ୍ରଦର୍ଶିତ ହୋଇଥିଲା ।

*****